# ଶ୍ରୀଜୀଉଙ୍କ ସେବାରେ ଜିଜାବାଈ ଓ ଗୁରୁ ରାମଦାସ

● ଡକ୍ଟର ଚିତ୍ରସେନ ପଶାୟତ

କାଳାପାହାଡ଼ର ଆକ୍ରମଣ ପରେ ଶ୍ରୀଜୀଉମାନେ ଦୀର୍ଘଦିନ ଧରି ଶ୍ରୀମନ୍ଦିରରୁ ଅନ୍ତର ହୋଇ ରହିଲେ । ପରବର୍ତ୍ତୀ କାଳରେ ରାମଚନ୍ଦ୍ର ଦେବ ଶ୍ରୀବିଗ୍ରହମାନଙ୍କୁ ପୁନଃ ପ୍ରତିଷ୍ଠା କରି ଶ୍ରୀଜୀଉଙ୍କ ସେବାପୂଜାକୁ ନିୟନ୍ତ୍ରଣ କରିଥିଲେ । କିନ୍ତୁ ଦୁର୍ଭାଗ୍ୟବଶତଃ ତାଙ୍କ ପରେ ମୁକୁନ୍ଦ ଦେବଙ୍କ ରାଜତ୍ୱ କାଳରେ ପୁନଶ୍ଚ ଶ୍ରୀମନ୍ଦିର ଉପରେ ଯବନମାନଙ୍କର ସଂଘବଦ୍ଧ ଆକ୍ରମଣ ଦେଖାଦେଇଥିଲା । ଏହି ପରିବେଶରେ ମୁକୁନ୍ଦଦେବ ତାଙ୍କ ଦେବାନଙ୍କୁ ରାଜ୍ୟ ଦାୟିତ୍ୱ ଅର୍ପଣ କରି ପ୍ରାଣତ୍ୟାଗ କରିଥିବାର ଶୁଣାଯାଏ । ସେତେବେଳେ ବଙ୍ଗ ପ୍ରଦେଶ ପଟୁ ଅବଦୁଲ ସେରଖାଁ ଶ୍ରୀମନ୍ଦିର ଲୁଣ୍ଠନ ପାଇଁ ଆକ୍ରମଣ ଆରମ୍ଭ କରି ଦେଇଥିଲେ । ଯବନ ସେନାଙ୍କୁ ପ୍ରତିରୋଧ କରି ଅନେକ ଓଡ଼ିଆ ବୀର ପ୍ରାଣବଳି ଦେଇଥିଲେ । ଚତୁର୍ଦ୍ଦିଗରେ ହାହାକାର ଦେଖାଦେଲା ।

ଏହିପରି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ଶ୍ରୀଜୀଉଙ୍କ ଦର୍ଶନାର୍ଥେ ଏକ ମରହଟ୍ଟା ତୀର୍ଥଯାତ୍ରୀ ଦଳ ଶ୍ରୀକ୍ଷେତ୍ରରେ ଆସି ପହଞ୍ଚିଲେ । ଏମାନଙ୍କ ମଧ୍ୟରେ ଥିଲେ ମରହଟ୍ଟା ବୀର ଶିବାଜୀଙ୍କ ମାତା ଜିଜାବାଈ ଏବଂ ଗୁରୁ ସମର୍ଥ ରାମଦାସ । ଜିଜାବାଈ ଦେଖିଲେ, ଏହି ଦାରୁଣ ବିପଦ କାଳରେ ଲୋକମାନେ ଅସହାୟ ମଣୁଛନ୍ତି; କାହାର ଦମ୍ଭ ଓ ସାହସ ପାଉନାହିଁ । ଚାରିଆଡ଼େ କୋକୁଆ ଭୟ; ସମସ୍ତେ ଉଦାସୀନ ଓ ନିଷ୍ପୃହ । ଶ୍ରୀଜୀଉଙ୍କୁ ଏବଂ ଶ୍ରୀଜୀଉଙ୍କ ରତ୍ନଭଣ୍ଡାରକୁ ରକ୍ଷା କରିବା ପାଇଁ କେହି ସମର୍ଥ ଥିବାପରି ଜଣାପଡୁ ନାହାନ୍ତି ।

କେଉଁଠୁ ଆସିଲା ଏ ଶକ୍ତି । ଜିଜାବାଈ ଓ ଗୁରୁ ସମର୍ଥ ରାମଦାସ ଅଣ୍ଟାଭିଡ଼ି ବାହାରି ପଡ଼ିଲେ ଏବଂ ବଜ୍ରଗମ୍ଭୀର ସ୍ୱରରେ ଶ୍ରୀଜୀଉଙ୍କୁ ରକ୍ଷା କରିବା ପାଇଁ ଲୋକଙ୍କୁ ପ୍ରେରଣା ଓ ଉତ୍ସାହ ଦେଲେ । ସଙ୍ଗେ ସଙ୍ଗେ ରାଜା ଓ ଶ୍ରୀବିଗ୍ରହ ମାନେ ଗୁରୁ ସମର୍ଥ ରାମଦାସଙ୍କ ନେତୃତ୍ୱରେ ଶ୍ରୀକ୍ଷେତ୍ରରୁ ସ୍ଥାନାନ୍ତରିତ ହୋଇଗଲେ ଏବଂ ଶ୍ରୀମନ୍ଦିରକୁ ରକ୍ଷା କରିବା ନିମନ୍ତେ ବଦ୍ଧପରିକର ହୋଇ ଜିଜାବାଈ ବଡ଼ଦାଣ୍ଡରେ ବସି ରହିଲେ ।

ମହମ୍ମଦ କାଦର ଏବଂ ମକ୍ରମ ଖାଁ ଶ୍ରୀଜୀଉଙ୍କ ରତ୍ନଭଣ୍ଡାର ଲୁଟିବା ଉଦ୍ଦେଶ୍ୟରେ ଶଙ୍ଖକ୍ଷେତ୍ରକୁ ଆସିବା ବେଳକୁ ସହର ଜନଶୂନ୍ୟ । ଏକମାତ୍ର ବୃଦ୍ଧା ମହିମା ଜିଜାବାଈ ବଡ଼ଦାଣ୍ଡରେ ବସିଛନ୍ତି । ଯବନ ମାମଲତକାରମାନେ ତାଙ୍କୁ ପଚାରିଲେ - ମା, ଶ୍ରୀଜଗନ୍ନାଥଙ୍କର ରତ୍ନଭଣ୍ଡାର କେଉଁଠି ଅଛି ? ତୁମ ଧର୍ମର ରାଣ ନେଇ ସତ୍ୟ କୁହ । ଜିଜାବାଈ ଉତ୍ତର ଦେଲେ- ୧,୨,୩ ଘରେ ଭଣ୍ଡାର ଅଛି । ଏହା ଶିବ କର୍ଣ୍ଣାମେଶ୍ୱରଙ୍କ ରାଣରେ ସତ୍ୟ ଅଟେ । ଯବନ ମାମଲତକାର ମାନେ ନିଶ୍ଚିତ ହୋଇ ଶ୍ରୀମନ୍ଦିର ମଧ୍ୟକୁ ପ୍ରବେଶ କଲେ । ଯଦି ସେମାନେ ୧କୁ ଭୋଗମଣ୍ଡପ, ୨କୁ ଜଗମୋହନ ଓ ୩କୁ ମୁଖଶାଳା ହିସାବ କରିଥାଆନ୍ତେ, ତାହାହେଲେ ରତ୍ନଭଣ୍ଡାର ଲୁଟି ନେବାକୁ ସକ୍ଷମ ହୋଇଥାନ୍ତେ । ମାତ୍ର ସେମାନେ ସିଂହଦ୍ୱାର ଗୁମ୍ୱୁଟକୁ ୧, ଘୋଡ଼ାଦ୍ୱାର ଗୁମ୍ୱୁଟକୁ ୨ ଓ ଭୋଗମଣ୍ଡପକୁ ୩ ବୋଲି ଭାବି ଖୋଜା ଖୋଜି କରି କିଛି ପାଇଲେ ନାହିଁ ଏବଂ ଶୂନ୍ୟ ମନ୍ଦିର ଦେଖି ହତାଶ ହୋଇ ପ୍ରତ୍ୟାବର୍ତ୍ତନ କଲେ ।

କୌଣସି ସୂତ୍ରରୁ ସୂଚନା ପାଇ ସେ ଆଡ଼େ ଫତେ ଖାଁ, ସୁବା ମହମ୍ମଦ ପ୍ରଭୃତି ସଂଗଠିତ ଭାବେ ଶ୍ରୀବିଗ୍ରହମାନଙ୍କୁ ଅପବିତ୍ର କରିବା ପାଇଁ ଶ୍ରୀଜୀଉମାନଙ୍କୁ ବହନ କରି ନେଉଥିବା ଭକ୍ତ ଓ ସେବକମାନଙ୍କୁ ଗୋଡ଼ାଇଲେ । ଏହା ଦେଖି ଗୁରୁ ରାମଦାସଙ୍କ ନେତୃତ୍ୱରେ ଭକ୍ତଗଣ ଶ୍ରୀବିଗ୍ରହମାନଙ୍କୁ ଗଜପଦା ନାମକ କିଲ୍ଲାରେ ଲୁଚାଇ ରଖିଲେ । ସେତେବେଳେ ଗୁରୁ ରାମଦାସଙ୍କ ସହିତ ମାଣତ୍ରୀଗଡ଼ ଦଳବେହେରା, କୁଅଁର ସିଂହ, ଚନ୍ଦନ ସିଂହ ପ୍ରମୁଖ ଅଳ୍ପସଂଖ୍ୟକ ବୀର ଥିଲେ । ମହାପ୍ରଭୁଙ୍କୁ ରକ୍ଷା କରିବାକୁ ଯାଇ ସେମାନେ ନିଜ ଜୀବନର ଆଶା ତ୍ୟାଗ କରି ସାରିଥିଲେ । ଏକ ସ୍ଥାନରେ ଯବନମାନଙ୍କୁ ଦେଖି ଅନନ୍ୟୋପାୟ ହୋଇ ଗୁରୁ ରାମଦାସ କାତର ଭାବେ ପ୍ରଭୁଙ୍କୁ ସୁମରଣା କଲେ - ହେ ମହାବାହୁ ! ନିଜେ ନିଜକୁ ରକ୍ଷା କରିବାକୁ କୃପା ହେଉ । ଆଶ୍ଚର୍ଯ୍ୟଜନକ ଭାବେ ବିଦ୍ୟୁତ୍ ବେଗରେ ଦୁଇଜଣ ବୀର ପଛପଟୁ ଆସି ରାମଦାସଙ୍କ ସହିତ ଯୋଗଦେଲେ ଏବଂ ଚାହୁଁ ଚାହୁଁ ଯବନସେନା ପରାସ୍ତ ହୋଇ ମୃତ୍ୟୁମୁଖରେ ପଡ଼ିଲେ (ହନ୍ତୁ ହେଲେ) । ସେହି ଦିନୁ ସେହି ସ୍ଥାନର ନାମ ହେଲା ହନ୍ତୁଆଡ଼ ।

ଶ୍ରୀବିଗ୍ରହମାନେ ବର୍ଷେ କାଳ ଗଜପଦା କିଲ୍ଲାରେ ପୂଜା ପାଇଥିଲେ । ସାମନ୍ତମାନେ ଶ୍ରୀଜୀଉଙ୍କ ସମସ୍ତ ପ୍ରକାର ପୂଜାର୍ଚ୍ଚନା କରୁଥିଲେ । ତାପରେ ନରସିଂହ ଦେବ ଶ୍ରୀବିଗ୍ରହମାନଙ୍କୁ ଫେରାଇ ଆଣି ଭଗ୍ନ ଦେଉଳରେ ଚୂନ ଲଗାଇବା କାର୍ଯ୍ୟ ଆରମ୍ଭ କଲେ । ସେହିଦିନଠାରୁ ଚୂନରା ସେବା ନିଯୋଗର ଆରମ୍ଭ ହେଲା ବୋଲି କୁହାଯାଏ । ମକର ସଂକ୍ରାନ୍ତି ପୂର୍ବଦିନ ଶ୍ରୀମନ୍ଦିରକୁ ପୁନଃ ସଂସ୍କାର କରାଯାଇ ଠାକୁର ମାନଙ୍କୁ ରତ୍ନସିଂହାସନରେ ବିଜେ କରାଗଲା । ଗୁରୁ ସମର୍ଥ ରାମଦାସଙ୍କୁ ବଡ଼ଦାଣ୍ଡ ମରିଚାଇ ପାଟଣାରେ ରାଜା ମଠ ପ୍ରଦାନ କରିଥିଲେ । ଏହି ମଠରେ ଗୁରୁ ରାମଦାସଙ୍କ ଦ୍ୱାରା କର୍ଣ୍ଣାମେଶ୍ୱର ମହାଦେବଙ୍କୁ ସ୍ଥାପନ କରାଯାଇଥିଲା । ପରବର୍ତ୍ତୀ କାଳରେ ଏହା କର୍ଣ୍ଣାମଗିରି ମଠ ନାମରେ ଖ୍ୟାତ ହୋଇଥିଲା ।

❑❑❑

**ସହକାରୀ ପ୍ରଶାସକ**
**ଶ୍ରୀମନ୍ଦିର କାର୍ଯ୍ୟାଳୟ, ପୁରୀ**